# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 07th September - 2026

*********************************

***Desk***

## ରାଜ୍ୟ କ୍ୟାବିନେଟ୍

ରାଜ୍ୟ କ୍ୟାବିନେଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ଭୁବନେଶ୍ୱର ଲୋକସେବା ଭବନରେ ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅପରାହ୍ଣରେ ବସିବାକୁ ଥିବା ଏହି ବୈଠକରେ ବିଭିନ୍ନ ବିଭାଗର କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ଆଲୋଚନା ହୋଇ ମଞ୍ଜୁରି ପ୍ରଦାନ କରାଯିବ ।

***Desk***

## ଖରିଫ୍ ଧାନ - ପଞ୍ଜୀକରଣ

ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣ ଆଜି ଶେଷ ହେବ । ଗତମାସ ୬ ତାରିଖରୁ ଏହି ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଶନିବାର ସୁଦ୍ଧା ୨୧ ଲକ୍ଷ ୪୦ ହଜାର ୬୮୨ ଜଣ ଚାଷୀ ପଞ୍ଜିକୃତ ହୋଇଥିଲେ । ବରଗଡ଼ ଜିଲ୍ଲାରୁ ସର୍ବାଧିକ ୧ ଲକ୍ଷ ୮୩ ହଜାର ଚାଷୀ

ପଞ୍ଜୀକରଣ କରିଛନ୍ତି । ଗତବର୍ଷ ତୁଳନାରେ ଚଳତ ବର୍ଷ ଗତ ଶନିବାର ପର୍ଯ୍ୟନ୍ତ ପ୍ରାୟ ୨ ଲକ୍ଷରୁ ଅଧିକ ଚାଷୀ ପଞ୍ଜୀକରଣ କରିଥିବା ଜଣାପଡ଼ିଛି ।

***Desk***

# ମୁଖ୍ୟମନ୍ତ୍ରୀ - ଜନ ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଆଜି ବନ୍ଦ ରହିବ। ଭୁବନେଶ୍ୱର ୟୁନିଟ୍-୨ଠାରେ ହେବାକୁ ଥିବା ଅଭିଯୋଗ ଶୁଣାଣିକୁ ମୁଖ୍ୟମନ୍ତ୍ରୀଙ୍କ କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ସ୍ଥଗିତ ରଖାଯାଇଛି ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପରବର୍ତ୍ତୀ ଶୁଣାଣି ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ଓ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ।

***Desk***

# ବିଦ୍ୟୁତ୍ ଭିତ୍ତିଭୂମି - ପୋର୍ଟାଲ୍

ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟପାଇଁ ବିଦ୍ୟୁତ୍ ଭିତ୍ତିଭୂମି ସ୍ଥାନାନ୍ତର ପ୍ରକ୍ରିୟାକୁ ଅଧିକ ସୁଗମ କରିବା ଲକ୍ଷ୍ୟରେ ଏକ ସ୍ୱତନ୍ତ୍ର ଅନ୍‌ଲାଇନ୍ ପୋର୍ଟାଲ୍ କାର୍ଯ୍ୟକ୍ଷମ ହୋଇଛି । ଟାଟା ପାୱାର କେନ୍ଦ୍ରୀୟ ଓଡ଼ିଶା ବିତରଣ ସଂସ୍ଥା - ଟି.ପି.ସି.ଓ.ଡି.ଏଲ୍. ପକ୍ଷରୁ ଏହି ପୋର୍ଟାଲ୍‌କୁ କାର୍ଯ୍ୟକାରୀ କରାଯାଇଛି । ବିଦ୍ୟୁତ୍ ଭିତ୍ତିଭୂମି ସ୍ଥାନାନ୍ତରଣ ପ୍ରସ୍ତାବ ଏଣିକି ଏହି

ପୋର୍ଟାଲ୍ ମାଧ୍ୟମରେ ପରିଚାଳିତ ହେବ । ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ପୂର୍ବରୁ ଅନୁଷ୍ଠିତ ଏକ ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତି ଆଧାରରେ ଏହି ପୋର୍ଟାଲ୍ କାର୍ଯ୍ୟକ୍ଷମ ହୋଇଥିବା ବିଦ୍ୟୁତ୍ ବିତରଣ ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି ।

***Desk***

# ବିଜ୍ଞାନ ଶିକ୍ଷକ - ପ୍ରଶିକ୍ଷଣ

ରାଜ୍ୟର ସରକାର ଉଚ୍ଚ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ବିଜ୍ଞାନ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ନେଇ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି । ଆସନ୍ତାମାସ ୧୨ରୁ ୨୨ ତାରିଖ ପର୍ଯ୍ୟନ୍ତ ଏଥିପାଇଁ ବେଙ୍ଗାଲୁରୁସ୍ଥିତ ଭାରତୀୟ ବିଜ୍ଞାନ ସଂସ୍ଥାନର ଚଲ୍ଲକେସ୍ଥିତ ପ୍ରତିଭା ବିକାଶ କେନ୍ଦ୍ରଠାରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଥିରେ ରାଜ୍ୟର ୧୨୦ ଜଣ ମାଧ୍ୟମିକ ବିଜ୍ଞାନ ଶିକ୍ଷକ ପ୍ରଶିକ୍ଷଣ ଗ୍ରହଣ କରିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଥିବା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ମିଳିଛି । ପ୍ରତ୍ୟେକ ଜିଲ୍ଲାରୁ ୪ ଜଣ ଲେଖାଏଁ ବିଜ୍ଞାନ ଶିକ୍ଷକଙ୍କୁ ଏଥିପାଇଁ ମନୋନୀତ କରାଯାଇଛି ।

*Desk*

# ପରିବହନ - ଇ-ଚାଲାଣ

ରାଜ୍ୟ ପରିବହନ ବଭାଗ ପକ୍ଷରୁ ଗତ ପହିଲାରୁ ସ୍ୱତନ୍ତ୍ର ଇ-ଚିହ୍ନଟ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି । ପରିବହନ ନିୟମ ଉଲ୍ଲଙ୍ଘନ କରୁଥିବା ଗାଡ଼ିଗୁଡ଼ିକ ବିରୋଧରେ ଏଣିକି ସ୍ୱୟଂକ୍ରିୟ ଚାଲାଣ କଟିବ । ପ୍ରଦୂଷଣ ପ୍ରମାଣପତ୍ର ତଥା ବୀମା ଅବଧି ଶେଷ ହୋଇଥିବା କିମ୍ବା ନବୀକରଣ ହୋଇ ନ ଥିବା ଗାଡ଼ିଗୁଡ଼ିକ ପାଇଁ ମଧ୍ୟ ଏହି ବ୍ୟବସ୍ଥା ଜରିଆରେ ସ୍ୱୟଂଚାଳିତ ଇ-ଚାଲାଣ ଜାରି କରାଯିବ ବୋଲି ପରିବହନ ବିଭାଗ ପକ୍ଷରୁ କୁହାଯାଇଛି । ଏଥିପାଇଁ ରାଜ୍ୟର ବିଭିନ୍ନ ପ୍ରମୁଖ ସଡ଼କ, ଛକ ତଥା ରାଜପଥରେ ଅତ୍ୟାଧୁନିକ ସି.ସି.ଟି.ଭି. କ୍ୟାମେରା ସ୍ଥାପନ କରାଯାଇଛି ।

*Puri/R*

# ଅନୁସୂଚିତ ଜନଜାତି କଲ୍ୟାଣ

ପୁରୀ ଜିଲ୍ଲାରେ ଅନୁସୂଚିତ ଜନଜାତି କଲ୍ୟାଣ ନେଇ କାର୍ଯ୍ୟକାରୀ ହେଉଥିବା ଯୋଜନା ଏବଂ ସମସ୍ୟା ସମାଧାନ ଉପରେ ଏକ ସମୀକ୍ଷା ବୈଠକ ଗତକାଲି ପୁରୀଠାରେ ଅନୁଷ୍ଠିତ ହୋଇଯାଇଛି । ଜାତୀୟ ଅନୁସୂଚିତ ଜନଜାତି କମିଶନ୍‌'ର ଅଧ୍ୟକ୍ଷ ଅନ୍ତରସିଂ ଆର୍ଯ୍ୟ' ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ଏଫ୍.ଆର୍.ଏ. ଯୋଜନା ଅଧୀନରେ ଅନୁସୂଚିତ ଜନଜାତି ଲୋକଙ୍କୁ ଜମିପଟ୍ଟା ପ୍ରଦାନ ଉପରେ ସେ ଗୁରୁତ୍ୱ ଦେଇଛନ୍ତି ।

ଶ୍ରୀମନ୍ଦିରରେ ଆଜି ସେ ଶ୍ରୀଜିଉଙ୍କ ଦର୍ଶନ କରିବା ସହ ଆସନ୍ତାକାଲି ଭୁବନେଶ୍ୱରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

***Desk***

## ଓସେପା

କାର୍ଯ୍ୟସ୍ଥଳୀରେ ଅନୁପସ୍ଥିତ ରହୁଥିବା କର୍ମଚାରୀଙ୍କ କ୍ଷେତ୍ରରେ 'କାମ ନାହିଁ ତ ଦରମା ନାହିଁ' ପଦକ୍ଷେପ ଗ୍ରହଣ କରାଯିବାକୁ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ - ଓସେପା ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ସମଗ୍ର ଶିକ୍ଷା ଅଧୀନସ୍ଥ କର୍ମଚାରୀଙ୍କ ବିଭିନ୍ନ ଦାବି ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ଗ୍ରହଣ କରାଯାଇଥିବା ଓସେପା ପକ୍ଷରୁ କୁହାଯାଇଛି । ଏଥିପାଇଁ ରାଜ୍ୟର ସମସ୍ତ ଜିଲ୍ଲା ଶିକ୍ଷାଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି ।

***Puri/R***

## କାଳୀୟଦଳନ ବେଶ

ଭାଦ୍ରବ କୃଷ୍ଣପକ୍ଷ ଏକାଦଶୀ ତିଥିରେ ଶ୍ରୀମନ୍ଦିରରେ ଆଜି ଶ୍ରୀଜିଉଙ୍କର କାଳୀୟଦଳନ ବେଶ ଓ ଧେନୁକାସୁର ବଧ ପ୍ରସ୍ତାବ ନୀତି ଅନୁଷ୍ଠିତ ହେବ । ମଧ୍ୟାହ୍ନ ଧୂପ ନୀତି ପରେ ଠାକୁରଙ୍କର ଏହି ବେଶ ପ୍ରକ୍ରିୟା ଆରମ୍ଭ ହେବ ।

ଗତକାଲି ଶ୍ରୀଜିଉଙ୍କର ବଣଭୋଜି ବେଶ ସହ କୋଳିବିକା ନୀତି, ବକାସୁର ଓ ଅର୍ଘାସୁର ବଧ ନୀତି ଅନୁଷ୍ଠିତ ହୋଇଛି ।

***Nabarangpur/R***

# ମାଣ୍ଡିଆ ଚାଷ

ନବରଙ୍ଗପୁର ଜିଲ୍ଲାରେ ମାଣ୍ଡିଆ ଚାଷ ପ୍ରତି କୃଷକଙ୍କର ଆକର୍ଷଣ ବୃଦ୍ଧି ପାଉଛି । ୬ ହଜାର ୪୧୦ ହେକ୍ଟର ଜମିରେ ମାଣ୍ଡିଆ ଚାଷ ହୋଇଛି । ଜିଲ୍ଲାରେ ଏପର୍ଯ୍ୟନ୍ତ ୧୩ ହଜାର ୮୪ ଜଣଙ୍କ ମଧ୍ୟରୁ ୬ ହଜାର ୩୭୧ ମାଣ୍ଡିଆ ଚାଷୀ ପଞ୍ଜିକୃତ ହୋଇଛନ୍ତି । ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ପଞ୍ଜୀକରଣ ପ୍ରକ୍ରିୟା ଜାରି ରହିବ ।

***Desk***

# ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି। ବଜ୍ରପାତ ସହ ବର୍ଷା ନେଇ ଆଜି ୨୩ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଶୁକ୍ରବାର ସୁଦ୍ଧା ଉପକୂଳ, ଆଭ୍ୟନ୍ତରୀଣ ଏବ   ଉତ୍ତର ଓଡ଼ିଶାର କିଛି ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ ମୌସୁମୀ ଦୁର୍ବଳ

ହେବା ଯୋଗୁଁ ଉପକୂଳ ଓଡ଼ିଶାର ବିଭିନ୍ନ ସ୍ଥାନରେ ଗୁଳୁଗୁଳି ଓ ତାପମାତ୍ରା ବୃଦ୍ଧି ପାଇଛି ।

*****